**ମୁଖ୍ୟମନ୍ତ୍ରୀଙ୍କ ଭ୍ରଷ୍ଟାଚାର ଘଟଣା ନେଇ ହିମାଚଳ ପ୍ରଦେଶର ସରକାର କି ପଦକ୍ଷେପ ଗ୍ରହଣ କରିବେ ?**
**ଅରୁଣ ଜେଟଲୀ, ବିରୋଧୀ ଦଳର ନେତା, ରାଜ୍ୟସଭା**

କଂଗ୍ରେସ ପାର୍ଟି ଓ ବୀରଭଦ୍ର ସିଂହ ଖୁବ ନିର୍ଲ୍ଲଜ ଭାବରେ ସଭସ୍ତ ଭ୍ରଷ୍ଟାଚାର କେଶକୁ ସାମ୍ନା କରିବା ପାଇଁ ସ୍ଥିର କରିଛନ୍ତି । ଶ୍ରୀମତୀ ସୋନିଆ ଗାନ୍ଧି ଓ ଶ୍ରୀ ରାହୁଲ ଗାନ୍ଧି ପଛରେ ରହି ନୀରବତା ପ୍ରଦର୍ଶନ କରୁଛନ୍ତି । ଏହା ସହିତ ଶ୍ରୀ ଭି.ବି.ସିଂହ ନିଜ ବିରୋଧରେ ଏଫ.ଆଇ.ଆର ଦାଖଲ କରିବାକୁ ବା ତାଙ୍କ ବିରୋଧରେ ଲଗା ଯାଇଥିବା ଆରୋପକୁ ପ୍ରମାଣ କରିବାକୁ ସର୍ବସାଧାରଣଙ୍କୁ ଆହ୍ୱାନ କରିଛନ୍ତି ।

ପ୍ରଥମରୁ ତାଙ୍କ ବିରୋଧରେ ଏକ ଷ୍ଟିଲ ଉତ୍ପାଦନ କମ୍ପାନୀର ଡ଼ାଇରୀରୁ ମିଳିଥିବା ତଥ୍ୟ ନେଇ ଏକ କେଶ ଦାଖଲ ହୋଇଥିଲା ଏବଂ ସିମଲା ବ୍ୟାଙ୍କରେ ଶ୍ରୀ ଆନନ୍ଦ ଶର୍ମାଙ୍କ ଦ୍ୱାରା ତାଙ୍କ ତଥା ତାଙ୍କ ପରିବାରର ସଦସ୍ୟଙ୍କ ନାମରେ ୫.୫ କୋଟି ଟଙ୍କାର ଅର୍ଥ ଏଲ.ଆଇ.ସି ପଲିସି ଆକାରରେ ଜମା କରାଯାଇଥିଲା । ଉଭୟ କେଶ ସି.ବି.ଆଇ ଦ୍ୱାରା ତଦନ୍ତ କରାଯାଉଅଛି । ତୃତୀୟ ଅଭିଯୋଗ ହେଲା ଏକ ତାପଜ ବିଦ୍ୟୁତ ପ୍ରକଳ୍ପ କମ୍ପାନୀ ଯାହାକୁ ରଦ୍ଦ କରାଯିବାର ଥିଲା ମାତ୍ର ବୀରଭଦ୍ର ସିଂହଙ୍କ ସରକାର ଆସିବା ପରେ ତାର ସମୟ ସୀମା ବୃଦ୍ଧି କରାଯାଇଥିଲା ଉକ୍ତ କମ୍ପାନୀ ବିନା ସୁଧରେ ବହୁ ପରିମାଣର ଅର୍ଥ ଲୋନ ଆକାରରେ ବୀରଭଦ୍ର ସିଂହଙ୍କୁ ତଥା ତାଙ୍କ ପରିବାରର ସଦସ୍ୟଙ୍କୁ ଦେଇଅଛି ।

ପ୍ରିଭେନ୍ସନ ଅଫ କରପସନ ଆକ୍ଟର ସେକ୍ସନ ୧୧ ଅନୁଯାୟୀ କୌଣସି ସରକାରୀ ଚାକିରିଆ ଯଦି ଅନ୍ୟ କୌଣସି ବ୍ୟକ୍ତିଙ୍କଠାରୁ ନିଜ ବ୍ୟାପାର ନେଇ ଅଣନୈତିକ ଭାବରେ ଓ ଆଇନ କାନୁନର ପରିସୀମା ବାହାରେ ମୁଲ୍ୟବାନ ସାମଗ୍ରୀ ଗ୍ରହଣ କରେ ତେବେ ତାଙ୍କୁ ଅନ୍ୟନ ୫ ବର୍ଷ ପର୍ଯ୍ୟନ୍ତ ଦଣ୍ଡ ଦିଆଯାଇପାରେ । ତେବେ ଉକ୍ତ ତାପଜ ବିଦ୍ୟୁତ ପ୍ରକଳ୍ପ ଏସବୁ ଜାଣି ମଧ୍ୟ କିପରି ହିମାଚଳ ପ୍ରଦେଶ ସହ ବ୍ୟାପାର କଲା ? ତାଙ୍କ ମୁଖ୍ୟ ମନ୍ତ୍ରୀ ଓ ତାଙ୍କ ପତ୍ନୀ କିପରି ବିନା ସୁଧର ଲୋନ ଗ୍ରହଣ କଲେ ? ଏହା ପ୍ରିଭେନ୍ସନ ଅଫ କରପସନର ୧୩-୧(ବି) କୁ ଉଲଘଂନ କରେ ।

ଉକ୍ତ ଆକ୍ଟର ସେକ୍ସନ ୨୦ ଅନୁଯାୟୀ ଉଭଳି ଅର୍ଥ ନେବାକୁ ଲାଞ୍ଚ ବୋଲି ଗ୍ରହଣ କରାଯାଏ । ତେବେ ଉକ୍ତ କେଶକୁ ଯଦି ହିମାଚଳ ପ୍ରଦେଶ ସରକାର ହାତରେ ସମାଧାନ ପାଇଁ ଦିଆଯାଏ ତେବେ ସେମାନେ କଅଣ ନିଜ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ? ମୁଁ ପୂର୍ବରୁ ୨୯.୧୨.୨୦୧୩ ରେ ସି.ବି.ଆଇ ର ଡ଼ାଇରେକ୍ଟରଙ୍କ ପାଖକୁ ଏ ଘଟଣା

ସମ୍ବନ୍ଧୀୟ ଏକ ପତ୍ର ଦେଇଥିଲି କି ଏଭଳି କେଶ ପାଇଁ ଦିଲ୍ଲୀ ପୋଲିସ ଏଷ୍ଟାବ୍ଲିସମେଣ୍ଟ ଆକ୍ଟ ଜରୁରୀ । ତେଣୁ ମୁଁ ହିମାଚଳ ପ୍ରଦେଶର ସରକାରଙ୍କୁ ଆହ୍ୱାନ କରୁଅଛି କି, ସେ ଉପଯୁକ୍ତ ଉପାୟରେ ତଦନ୍ତ କରି ସମସ୍ୟାର ସମାଧାନ କରନ୍ତୁ ।